# The Orissa Gazette

**EXTRAORDINARY**

**PUBLISHED BY AUTHORITY**

**No. 741 CUTTACK, FRIDAY, MAY 6, 2005 / BAISAKHA 16, 1927**


## ରାଜସ୍ୱ ବିଭାଗ

ଅଧିସୂଚନା

ତାରିଖ 23 ଅପ୍ରେଲ 2005

ସଂଖ୍ୟା 16978—ଏଲ୍. ଏ. ( ବି)-15/2005-ଗଞ୍ଜାମ-ରା.--ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ ବାଘଲଟି ଜଳସେଚନ ପ୍ରକଳ୍ପ ପାଇଁ ସରକାର ,ସରକାରୀ ବ୍ୟୟରେ ମୌଜା ମାଣିକପୁରପଲ୍ଲୀ, ଥାନା ନୂଆଗାଁ, ତହସିଲ ଦିଗପହଣ୍ଡି, ଜିଲ୍ଲା ଗଞ୍ଜାମରେ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି; ତେଣୁ ଏତଦ୍ଦ୍ୱାରା ଅଧିସୂଚିତ ହେଉଛି କି ଉପରୋକ୍ତ ଉଦ୍ଦେଶ୍ୟରେ ନିମ୍ନ ସୂଚୀମତେ ପ୍ରାୟ 1.478 ଏକର ପରିମିତ ଭୂମି ଉପରୋକ୍ତ ମାଣିକପୁରପଲ୍ଲୀ ଗ୍ରାମରେ ଆବଶ୍ୟକ ହେଉଅଛି ।

ଭୂ-ଅର୍ଜନ (ସଂଶୋଧିତ) ଆଇନ୍, 1984 ଦ୍ୱାରା ସଂଶୋଧିତ ହେବା ପ୍ରକାରେ1894ର ଅଧିନିୟମ 1ର ଧାରା 4 ର ବ୍ୟବସ୍ଥାନୁଯାୟୀ ପ୍ରଣୀତ ଏହି ଅଧିସୂଚନାଟି ଏଥିସହିତ ସଂପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ ;

ଯେହେତୁ ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଭୂମି ତୁରନ୍ତ ଆବଶ୍ୟକ ବୋଲି ପ୍ରତୀତ ହେଉଛି, ରାଜ୍ୟ ସରକାରଙ୍କ ମତରେ ନିର୍ଦ୍ଦିଷ୍ଟ ହୋଇଥିବା ଭୂମିର ଅର୍ଜନ ପାଇଁ ଭୂ-ଅର୍ଜନ (ସଂଶୋଧିତ) ଆଇନ୍, 1984 ଦ୍ୱାରା ସଂଶୋଧିତ ହେବା ପ୍ରକାରେ ଭୂମି ଅର୍ଜନ ଅଧିନିୟମ, 1894 ର ଧାରା 17 ର ଉପଧାରା (1) ର ବ୍ୟବସ୍ଥାଗୁଡିକ ପ୍ରଯୁଜ୍ୟ ଅଟେ ।

ସୁତରାଂ ଉକ୍ତ ଅଧିନିୟମର ଧାରା 17 ର ଉପଧାରା (4) ରେ ଅର୍ପିତ କ୍ଷମତାର ପ୍ରୟୋଗକ୍ରମେ ରାଜ୍ୟ ସରକାର ଏତଦ୍ଦ୍ୱାରା ନିର୍ଦ୍ଦେଶ ଦେଉଛନ୍ତି କି ଧାରା 5 କର ବ୍ୟବସ୍ଥାଗୁଡିକ ଉକ୍ତ ଅଧିସୂଚନାରେ ନିର୍ଦ୍ଦିଷ୍ଟ ହୋଇଥିବା ଉକ୍ତ ଭୂମି ସମ୍ବନ୍ଧରେ ପ୍ରଯୁଜ୍ୟ ହେବ ନାହିଁ ।

ଉକ୍ତ ଜମିର ଏକ ନକ୍ସା, ଗଞ୍ଜାମ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ, କାର୍ଯ୍ୟାଳୟ ସମୟରେ ଦେଖିବାକୁ ମିଳିପାରିବ ।

LAND SCHEDULE

| Plot No. | Acquired area |
|---|---|
| (1) | (2) |
| | Acres |
| 453 | 0.120 |
| 455 | 0.070 |
| 465 | 0.100 |
| 467 | 0.040 |
| 450 | 0.080 |

| (1) | (2) |
|---|---|
| | Acres |
| 459 | 0.030 |
| 461 | 0.608 |
| 466 | 0.070 |
| 463 | 0.010 |
| 464 | 0.020 |
| 468 | 0.140 |
| 469 | 0.080 |
| 460 | 0.030 |
| 462 | 0.080 |
| Total . . | 1.478 |

ରାଜ୍ୟପାଳଙ୍କ ଆଦେଶାନୁକ୍ରମେ

**ଦେବୀ ପ୍ରସାଦ ପଣ୍ଡା**

ଅନୁଶାସନ ସଚିବ

Printed and Published by the Director of Printing, Stationery and Publication, Orissa, Cuttack-10
Ex. Gaz.181–193+20 o. s.